### ସ୍ତ୍ରୀ ଓଢ଼ଣିରେ ଝୁଲିପଡ଼ିଲେ ଓଏଫ୍ଏସ୍ ଅଫିସର

# ଅଧୁରା ରହିଗଲା ସ୍ୱପ୍ନ, ହାରିଦେଲେ ଜୀବନ



ଭୁବନେଶ୍ୱର,୨୯।୬/ଏନ୍ଏନ୍ଏସ୍: ରାତି ପାହିଥିଲେ ସ୍ୱପ୍ନ ପୂରଣ ହୋଇଥାନ୍ତା। ବର୍ଷବର୍ଷର ପରିଶ୍ରମ ଓ ଆଶା ସାର୍ଥକ ହୋଇଥାନ୍ତା। ହେଲେ ଶନିବାର ରାତି ତାଙ୍କ ପାଇଁ କାଳରାତ୍ରୀ ପାଲଟିଗଲା। ସବୁ ଓଲଟପାଲଟ ହୋଇଗଲା। କ'ଣ ହେଲା କେଜାଣି, ସ୍ତ୍ରୀର ଓଢ଼ଣିରେ ଝୁଲି ପଡ଼ିଥିଲେ ଓଏଫ୍ଏସ୍ (ଓଡ଼ିଶା ଫାଇନାନ୍ସ ସର୍ଭିସ୍) ଅଫିସର ଅଭିଲାଷ ସ୍ୱରୂପ ମହାପାତ୍ର। ପୁଲିସ ଘଟଣାର ତଦନ୍ତ କରୁଥିବାବେଳେ ପରିବାର ଲୋକଙ୍କୁ ପଚରାଉଚରା କରୁଛି।

ସୂଚନା ଅନୁସାରେ, ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଅଞ୍ଚଳର ଅଭିଲାଷ ସ୍ତ୍ରୀ, ଝିଅ ଓ ଦୁଇ ପୁଅ ସହ ଦୁମୁଦୁମା ଫେଜ୍-୪ ଏଲ୍-ଆଇଭି-୩୭୩ରେ ରହୁଥିଲେ। ବାପା, ମା' ନିଜ ଗାଁରେ ରହୁଥିଲେ। ପୂର୍ବରୁ ସେ ବ୍ୟାଙ୍କରେ ଚାକିରି କରୁଥିବାବେଳେ କିଛିଦିନ ପୂର୍ବରୁ ସେ ଓଏଫ୍ଏସ୍ ପାଇଥିଲେ। ସୋମବାର ଟ୍ରେଜେରି ଅଫିସ୍‌ରେ କାର୍ଯ୍ୟରେ ଯୋଗ ଦେଇଥାନ୍ତେ। ଶନିବାର ସକାଳେ ଘରେ ବେଶ୍ ଖୁସି ଥିଲେ। ସଟ୍‌ଡାଉନବେଳେ ପରିବାର ସହ ସମୟ ବିତାଇଥିଲେ। ହେଲେ ସେହିଦିନ ଝିଅର ହାତ କଟିଯିବାକୁ ନେଇ ସେ ପତ୍ନୀକୁ ଦାୟୀ କରିଥିଲେ। ଏହାକୁ ନେଇ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ସ୍ତ୍ରୀ ମଧ୍ୟ ଜଣେ ସରକାରୀ କର୍ମଚାରୀ। ଫଳରେ ଉଭୟଙ୍କ ମଧ୍ୟରେ ସ୍ୱାଭିମାନକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ସ୍ତ୍ରୀ ମଧ୍ୟ ତାଙ୍କୁ ଗାଳିଗୁଲଜ କରିଥିଲେ। ପରିବାର ମଧ୍ୟରେ ଅଶାନ୍ତି ତାଙ୍କୁ ବେଶ୍ ମର୍ମାହତ କରିଥିଲା। ସନ୍ଧ୍ୟାରେ ପରିବାର ଲୋକେ ଘରେ ଟିଭି ଦେଖୁଥିବାବେଳେ ସେ ଶୋଇବା ଘରେ ସ୍ତ୍ରୀର ଓଢ଼ଣିରେ ଝୁଲି ପଡ଼ିଥିଲା। ଚିତ୍କାର କରି ପରିବାର ଲୋକେ କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖଣ୍ଡଗିରି ପୁଲିସ ଶବ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ତାଙ୍କ ମୃତ୍ୟୁକୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି କରିଛି। ପୁଲିସ ମଧ୍ୟ ଘଟଣାକୁ ଗମ୍ଭୀରତାର ସହ ନେଇ ତଦନ୍ତ କରୁଛି। ତାଙ୍କ ପତ୍ନୀ ଓ ପରିବାର ଲୋକଙ୍କୁ ପଚରାଉଚରା କରୁଛି।

ପୁଲିସ କହିବାନୁସାରେ, କିଛିଦିନ ହେଲା ଅଭିଲାଶଙ୍କ ବାପା-ମାଙ୍କୁ ନେଇ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ବିବାଦ ଲାଗି ରହିଥିଲା। ଅଭିଲାଶ ରହୁଥିବା ଘର ଶ୍ୱଶୁର ଦେଇଥିବାରୁ ସେଠାକୁ ତାଙ୍କ ବାପା-ମା'ଙ୍କୁ ଆସିବାକୁ ପତ୍ନୀ ବାରଣ କରୁଥିଲା। ଆସନ୍ତା ଗୁରୁବାର ପୁଅର ଜନ୍ମଦିନ ଥିବାରୁ ଏହି ଘଟଣାକୁ ନେଇ ପରିବାରରେ ଅଶାନ୍ତି ସୃଷ୍ଟି ହୋଇଥିଲା। ତେବେ ଆତ୍ମହତ୍ୟା ପଛରେ ଏହା ଏକ କାରଣ ହୋଇପାରେ।

ସେହିପରି ଅଭିଲାଷ ତାଙ୍କ ଫେସ୍‌ବୁକ୍ ପୋଷ୍ଟରେ କିଛିଦିନ ଧରି ଦୁଃଖଭରା ସାୟରି ଲେଖିଆସୁଥିଲେ। ତାଙ୍କ ସାୟରିକୁ ପଢ଼ିଲେ, ଜଣାପଡୁଛି ସେ ତାଙ୍କ ଜୀବନରେ ଅନେକ ସଂଘର୍ଷ କରିବା ସହ ବେସାହାରା ହୋଇପଡ଼ିଥିଲେ। ଏମିତି କି ତାଙ୍କ ମନ କଥା କାହାକୁ ମଧ୍ୟ କହିପାରୁନଥିଲେ। ଯେଉଁଥିପାଇଁ ସେ ସୋସିଆଲ ମିଡିଆରେ କବିତା ଲେଖିବା ଆରମ୍ଭ କରିଥିଲେ। ତେବେ ଆତ୍ମହତ୍ୟା ପଛରେ କେବଳ ଝିଅ ହାତ କଟିବା କାରଣ ନୁହେଁ, ବରଂ ପୂର୍ବରୁ କିଛି କାରଣ ରହିଥିବା ସନ୍ଦେହ କରାଯାଉଛି। ଏତେବଡ଼ ଚାକିରି ପାଇଥିଲେ ମଧ୍ୟ ଅଭିଲାଷ ଆତ୍ମହତ୍ୟା କଲେ କାହିଁକି ? କ'ଣ ସ୍ତ୍ରୀଙ୍କ ସହ ଝଗଡ଼ା ଏଭଳି ନିଷ୍ପତ୍ତି ନେବାକୁ ବାଧ କଲା କି ? ସନ୍ଧ୍ୟାରେ ସ୍ତ୍ରୀ, ଝିଅ, ପୁଅ ଏବଂ ତଳ ଘରେ ଭଡ଼ାଟିଆମାନେ ଥିଲେ ମଧ୍ୟ କିପରି ଅଭିଲାଷ ଆତ୍ମହତ୍ୟା କଲେ ? ଏଭଳି ଅନେକ ପ୍ରଶ୍ନ ଏବେ ସାଧାରଣରେ ଚାପା ଗୁଞ୍ଜରଣ ସୃଷ୍ଟି କରିଛି। ଅନ୍ୟପଟେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଆତ୍ମହତ୍ୟାର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

## ପୂର୍ବରୁ ବିପଦର ସଙ୍କେତ ମିଳିଥିଲା

ଘର ଉପରକୁ ଏକ ବଡ଼ ବିପଦ ମାଡ଼ି ଆସୁଛି ବୋଲି ପୂର୍ବରୁ ସଙ୍କେତ ମିଳିଥିଲା ବୋଲି ମୃତ ଅଭିଲାଷଙ୍କ ବାପା ପୂର୍ଣ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ୧୫ ଦିନ ପୂର୍ବରୁ ମୋ ଘରକୁ ବଜ୍ରପାତ ହୋଇଥିଲା। ଘର ଛାତ ଉପରେ ଥିବା ପାଣିଟାଙ୍କି ଫାଟିଯାଇଥିଲା। ଘର ଉପରେ ବଜ୍ର ମାଡ଼ ହେବା ଘୋର୍ ବିପଦର ସଙ୍କେତ। ହେଲେ କାହିଁକି ଓ କି ପ୍ରକାର ବିପଦ ଆସିବ, ତାହା ଜାଣିବା ପୂର୍ବରୁ ମୋର ସବୁକିଛି ସରିଗଲା। ମୁଁ ଥାଉ ଥାଉ ଭଗବାନ ମୋ ପୁଅକୁ ନେଇଗଲ, ମୁଁ କି ଦୋଷ ତୁମର କରିଥିଲି। ମୋ ଆଖି ଆଗରେ ମୋ ପୁଅ ଚାଲିଯିବ ମୁଁ ବିଶ୍ୱାସ କରିପାରୁନାହିଁ। ମୋ ପୁଅ ଗୋଟିଏ ସୁନାମୁଣ୍ଡା ଥିଲା। ସେ କାହିଁକି ଏମିତି କଲା ବୋଲି ସେ ପ୍ରଶ୍ନ କରିଛନ୍ତି।

ନିତିଦିନ NITIDIN Tue, Jun 30, 2020
http://odishanewsnitidin.com